# Akashvani, Sambalpur

## SAMBALPURI NEWS EVENING BULLETIN

**11 July 2025- 7.02 pm- 7.12 pm.**

****************************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ରୋଜ୍‌ଗାର୍ ମେଲାଥି ନୂଆଁକରି ଚାକିରୀ ପାଇଥିବା ୫୧ ହଜାର୍ ଝନ୍‌କୁ ବାଂଟ୍‌ବେ ନିଯୁକ୍ତି ପତ୍ର ।

୨- ନୂଆଦିଲ୍ଲୀ ନ ହେଲା ଗୁଟେ ଦେଶ୍- ଗୁଟେ ନିର୍ବାଚନ୍ ବାବଦ୍ ଯୁଗ୍ମ ସଂସଦୀୟ କମିଟି ବୈଠକ୍ ।

୩- ବଢ଼୍‌ତି ଜନସଂଖ୍ୟା ଆଉ ତାର୍ ସମସ୍ୟା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଜନସଂଖ୍ୟା ଦିବସ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇପାରେ ଫେର୍‌ଗୁଟେ ଲଘୁଚାପ୍ ।

- ଘଡ଼୍‌ଘଡ଼ି ସହେତେ ବର୍ଷା ନେଇକରି ୧୭ ଟା ଜିଲ୍ଲାକେ ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ରୋଜ୍‌ଗାର୍ ମେଳା          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ନୂଆଁକରି ନିଯୁକ୍ତି ପାଇଥିବା ୫୧ ହଜାର୍‌ନୁ ଅଏତ୍‌କା ପ୍ରାର୍ଥୀମାନ୍‌କୁ ଆଭାସୀ ଜରିଏ ନିଯୁକ୍ତିପତ୍ର ବାଂଟ୍‌ବେ । ଇଟା କେନ୍ଦ୍ର ସର୍‌କାର୍‌ଙ୍କର୍ ୧୬ ନମ୍ବର୍ ରୋଜ୍‌ଗାର୍ ମେଲା ହେବା । ଇ ଅବ୍‌ସରେ ଦେଶର୍ ୪୭ ଟା ଜାଗା ନ ରୋଜ୍‌ଗାର୍ ମେଳା ମାନ୍ ଆୟୋଜନ୍ କରାଯିବା । ଇତାର୍ ଜରିଏ ସାରା ଦେଶେ ବଛା ହେଇଥିବା ନୂଆଁ କର୍ମଚାରୀମାନ୍‌କୁ ରେଲ୍ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର, ଡାକ, ସ୍ୱାସ୍ଥ୍ୟ, ଅର୍ଥ, ଶ୍ରମ, ଆଉ ରୋଜ୍‌ଗାର୍ ମନ୍ତ୍ରଣାଳୟ ସହେତେ ଭିନ୍ ଭିନ୍ ବିଭାଗ୍‌ଥି ନିଯୁକ୍ତି ଦିଆଯିବା । ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ସାରା ଦେଶେ ରୋଜ୍‌ଗାର୍ ମେଳା ଜରିଏ ସର୍‌କାର୍‌ଙ୍କର୍ ତର୍‌ଫୁ ୧୦ ଲାଖ୍‌ନୁ ଅଏତ୍‌କା ନିଯୁକ୍ତି ପତ୍ର ବଂଟାଯାଇଛେ ।

ସେଆଡ଼େ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ରେଲ୍ ଅଡିଟୋରିୟମ୍ ଠାନେ ହେବାର୍‌କେ ଥିବା ରୋଜ୍‌ଗାର୍ ମେଳାଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ନିଯୁକ୍ତି ପତ୍ର ବାଂଟ୍‌ବେ ।

ଯୁଗ୍ମ ସଂସଦୀୟ କମିଟି ବୈଠକ୍          ଏନ୍‌ଏସ୍‌ଡି

ଗୁଟେ ଦେଶ୍ - ଗୁଟେ ନିର୍ବାଚନ୍ ବାବଦ୍ ଯୁଗ୍ମ ସଂସଦୀୟ କମିଟି ବୈଠକ୍ ନୂଆଦିଲ୍ଲୀ ସଂସଦ୍ ଭବନ୍ ଠାନେ ହେଇଯାଇଛେ । ୩୯ ସଦସ୍ୟ ଥିବା ଇ କମିଟିଥି ଲୋକ୍‌ସଭାର୍ ୨୭ ଆର୍ ରାଜ୍ୟସଭାର୍ ୧୨ ଝନ୍ ସଦସ୍ୟ ରହିଛନ୍ । ବୈଠକ୍‌ଥି ସମ୍ବିଧାନ୍‌ର ଶହେ ୨୯ ନମ୍ବର୍ ସଂଶୋଧନ୍ ବିଧେୟକ୍ ୨୦୨୪ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ସଂଶୋଧନ୍ ବିଧେୟକ୍ ୨୦୨୪ କେ ଅନୁଧ୍ୟାନ୍ କରାଯାଇଛେ । ଲୋକ୍‌ସଭା ଆର୍ ରାଜ୍ୟ ବିଧାନ୍‌ସଭା ମାନ୍‌କେ ଗୁଟେ ସମିଆଥି ଭୋଟ୍ କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା କରାଯାଇଛେ ।

ଇଲେକ୍ଟ୍ରିକ୍ ଟ୍ରକ୍ ସାହାଜ୍ ଏନ୍‌ଏସ୍‌ଡି

କେନ୍ଦ୍ର ବୃହତ୍ ଶିଳ୍ପ ମନ୍ତ୍ରଣାଳୟ ତର୍‌ଫୁ ପ୍ରଧାନ୍‌ମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜ୍‌ନା ଅଧୀନ୍‌ଥି ଇଲେକ୍ଟ୍ରିକ୍ ଟ୍ରକ୍ ସାହାଜ୍ ଅଭିଯାନ୍‌ର ଶୁଭାରମ୍ଭ କରାଯାଇଛେ । ଦେଶେ ସବୁଜ ପରିବହନ୍ ଆଉ ଇଲେକ୍ଟ୍ରିକ୍ ଟ୍ରକ୍ ପ୍ରଚଲନ୍‌କେ ତହଁକାବାର୍ ଲକ୍ଷ୍ୟଥି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଇ ଯୋଜ୍‌ନାର୍ ଶୁଭାରମ୍ଭ କରାଯାଇଛେ । ଇତାର୍ ଜରିଏ ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି

ନିର୍ମିତ୍ ଦେଶର୍ ୫ ହଜାର୍ ୬ ଶହ ଇ-ଟ୍ରକ୍ ମାଲିକ୍ ଉପକୃତ ହେବେ ।

ଏକ୍ସିଅମ୍ - ୪ ଆର୍ଏନ୍ୟୁ/ ସମ୍ବଲପୁର

ଏକ୍ସିଅମ୍ - ୪ ମିଶନ୍ଥି ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ର-ଆଇଏସ୍ଏସ୍ କେ ଯାଇଥିବା ଭାରତୀୟ ମହାକାଶ୍ଚାରୀ ଗ୍ରୁପ୍ କେପ୍ଟେନ୍ ଶୁଭାଂଶୁ ଶୁକ୍ଲା ଆଉ ଅଲ୍ଗା ୩ ଝନ୍ ସଦସ୍ୟ ଆଏବା ୧୪ ତାରିଖ୍ ଦିନ ପୁର୍ଥିକେ ଫିର୍ବାର ଲାଗି ଯାତ୍ରା ମୁଲ୍ କର୍ବେ । ଇ ବାବ୍ଦେ ନାସା ତର୍ଫୁ ସୂଚ୍ନା ଦିଆଯାଇଛେ । ଆଏବା ୧୪ ତାରିଖ୍ ଦିନ ଏକ୍ସିଅମ୍ -୪ ମିଶନ୍ ଅଭିଯାନ୍ଥି ଯାଇଥିବା କ୍ରୁ ସଦସ୍ୟମାନେ ମହାକାଶ୍ ଯାନଥି ପୁର୍ଥି ଆଡ଼୍କେ ଯାତ୍ରା ମୁଲ୍ କର୍ବେ । ଇତାର୍ କିଛି ଘଂଟା ଉତ୍ରୁ ଆମେରିକାର୍ କାଲିଫର୍ଣ୍ଣିଆ ଠାନେ ପ୍ରଶାନ୍ତ ମହାସାଗର୍ ନ ମହାକାଶ ଯାନ ଉତ୍ରିବା ବଲି ନାସାର ବାଣିଜ୍ୟିକ କ୍ରୁ କାର୍ଯ୍ୟକ୍ରମ ପରିଚାଲକ ଷ୍ଟିଭ୍ ଷ୍ଟିଚ୍ ସାମ୍ବାଦିକ୍ ସମ୍ମିଲନୀଥି କହିଛନ୍ ।

ରାହୁଲ୍ ଗାନ୍ଧୀ -ଓଡ଼ିଶା ଭୁବ୍ନେଶ୍ୱର୍ ସମ୍ବାଦଦାତା

ଲୋକ୍‌ସଭା ବିରୋଧୀ ଦଲ୍ ନେତା ରାହୁଲ୍ ଗାନ୍ଧୀ ଆଏଜ୍ ଦିନ୍‌କିଆ ଓଡ଼ିଶା ଗସ୍ତଥି ଆସିକରି ଭୁବ୍‌ନେଶ୍ୱର୍ ବରମୁଣ୍ଡା ପଡ଼ିଆ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜନସମାବେଶ୍‌କେ ଉଦ୍‌ବୋଧନ୍ ଦେଇଛନ୍ । ଇ ଅବ୍‌ସରେ ଶ୍ରୀ ଗାନ୍ଧୀ ଲୁକ୍‌କର୍ ସାଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । କାର୍ଯ୍ୟକ୍ରମ୍‌ଥି କଂଗ୍ରେସ୍ ସଭାପତି ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ପିସିସି ସଭାପତି ଭକ୍ତ ଚରଣ୍ ଦାସ, ସାଧାରଣ ସମ୍ପାଦକ୍ କେ.ସି. ବେଣୁଗୋପାଲ୍, ଓଡ଼ିଶା ପ୍ରଭାରୀ ଅଜୟ କୁମାର୍ ଲଲ୍ଲୁ, ବିଧାୟକ୍ ଆଉ ବରିଷ୍ଠ ନେତାମାନେ ଯୋଗ୍ ଦେଇଥିଲେ । ଇତାର୍ ଉତ୍‌ରୁ ଶ୍ରୀ ଗାନ୍ଧୀ କଂଗ୍ରେସ୍ ଭବନ୍‌କେ ଯାଇକରି ଦଲୀୟ ନେତା ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ବିଶ୍ୱ ଜନସଂଖ୍ୟା ଦିବସ          ଆର୍‌ଏନ୍‌ୟୁ / ସମ୍ବଲପୁର

ଜନସଂଖ୍ୟା ବୃଦ୍ଧି ସମସ୍ୟା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଜନସଂଖ୍ୟା ଦିବସ୍ ପାଲନ୍ କରାଯାଉଛେ । ଜନ୍ମ ହାରକେ ନିୟନ୍ତ୍ରଣ୍ କର୍‌ବାର୍ ଲାଗି ପୁର୍‌ଥିର୍ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ୧୯୮୭ ମସିହା ଜୁଲାଇ ୧୧ ତାରିଖ୍ ଦିନ ପୁର୍‌ଥିର୍

ଜନସଂଖ୍ୟା ୫ ଶହ କୋଟି ଟପିଥିଲା । ଇ ଦିନ୍‌କେ ବିଶ୍ୱ ଜନସଂଖ୍ୟା ବୃଦ୍ଧିର୍ ସମ୍ଭାବ୍ୟ ବିପଦ୍‌ର ସତର୍କ ଘଂଟି ଭାବେ ଧରାଯାଇଥିଲା । ତାର୍‌ଉତ୍‌ରୁ ଜନସଂଖ୍ୟା ଆଏତ୍ ଲାଗି ମିଲିତ ଜାତିସଂଘର୍ ବିକାଶ୍ କାର୍ଯ୍ୟକ୍ରମ୍ ତର୍‌ଫୁ ଫି’ ବଛର୍ ଜୁଲାଇ ୧୧ ତାରିଖ୍‌କେ ବିଶ୍ୱ ଜନସଂଖ୍ୟା ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଅନାଯାଇଥିଲା । ଫି ବଛର୍ ଜନସଂଖ୍ୟା ଆଏତ୍ କର୍‌ବାର୍ ଲାଗି ଗୁଟେ ଲେଖା ଦିଗ୍ ଉପ୍‌ରେ ଧ୍ୟାନ୍ ଦିଆଯାଇକରି ସଚେତନ୍ କରାଯାଏସି । ଇ ବଛ୍‌ରର୍ ବିଶ୍ୱ ଜନସଂଖ୍ୟା ଦିବସ୍‌ର ବାର୍ତା ହେଉଛେ ‘ଆଝିରର୍ ଯୁଆନ୍ ପିଢ଼ି ଚାହୁଥିବା ପରିବାର୍ ଗଢ଼୍‌ବାର୍ ଦିଗେ ସେମାନ୍‌କୁ ବର୍‌କସ୍ କର୍‌ବାର୍’ ।

ରିପୋର୍ଟ ଅନ୍‌ସାରେ ୨୦୨୩ ମସିହା ବେଲ୍‌କେ ଭାରତ୍‌ର ଜନସଂଖ୍ୟା ଶହେ ୪୦ କୋଟି ଟପି ସାରିଛେ । ସେନ୍ତା ଇ ବଛର୍ ପୁର୍‌ଥିର୍ ଜନସଂଖ୍ୟା ବଢ଼ିକରି ୮ ଶହ ୧୦ କୋଟିକେ ପୁହୁଁଚିବା ବଲି ଅନୁମାନ୍ କରାଯାଇଛେ ।

ରାଜ୍ୟସ୍ତରୀୟ-ଜନସଂଖ୍ୟା ଦିବସ I&PR

ଭୁବ୍‌ନେଶ୍ୱର୍ ଗୀତଗୋବିନ୍ଦ ସଦନ ସଭାଗୃହ ଠାନେ ଆଏଜ୍ ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ସ୍ୱାସ୍ଥ୍ୟ ଆଉ ପରିବାର୍

କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଉଦ୍‌ଘାଟନ୍ କରିକରି ପରିବାର୍ କଲ୍ୟାଣ୍, ମାନବାଧିକାର୍ ଆର୍ ନାରୀମାନ୍‌କର୍ ସ୍ୱାସ୍ଥ୍ୟ ବିଷେଥି ଆଲୋଚନା କରିଛନ୍ । ମିଶିକରି ଗୁଟେ ସୁସ୍ଥ ସମାଜ୍ ଆର୍ ପରିବେଶ୍ ଗଠନ୍ କର୍‌ବାର୍ ଲାଗି ସଭେ ଚେରେଷ୍ଟା କର୍‌ବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ ଜନସଂଖ୍ୟା ସ୍ଥିରତା ପକ୍ଷର ଶୁଭାରମ୍ଭ କରିଛନ୍ । ସେନ୍ତା ଭଲ୍ କାମ୍ କରିଥିବା ସ୍ୱାସ୍ଥ୍ୟ ବିଭାଗ୍‌ର କର୍ମଚାରୀମାନ୍‌କୁ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ୍ କର୍‌ବାର୍ ସହେତେ ପରିବାର୍ ନିୟୋଜନ୍ ଦିଗେ ଭଲ୍ ପ୍ରଦର୍ଶନ୍ କରିଥିବା ଜିଲ୍ଲାମାନ୍‌କୁ ଭିଲ୍ ପୁରସ୍କୃତ୍ କରିଛନ୍ ।

ସ୍ୱତନ୍ତ୍ର ଓଟିଇଟି        କଟକ୍ ସମ୍ବାଦଦାତା

ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କର୍ ଲାଗି ଆଏବା ୨୦ ତାରିଖ୍ ହେବାର୍‌କେ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଲାଗି ଆଏବା କାଏଲ୍‌ଠାନୁ ଏଡ୍‌ମିଟ୍ କାର୍ଡ଼ ମିଲିପାର୍‌ବା । ପ୍ରାର୍ଥୀମାନେ ଆଏବାକାଏଲ୍ ଦିନର୍ ୧୦ ବଜେନୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍‌ର ୱେବ୍‌ସାଇଟ୍ www.bseodisha.ac.in

ଥି ଏଡ଼୍‌ମିଟ୍‌କାର୍ଡ୍‌ ପାଇପାର୍‌ବେ । ଇ ପରୀକ୍ଷା ରାଜ୍ୟର୍ ଶହେ ୯୩ ଟା କେନ୍ଦ୍ର ନ ହେବା ।

ସୁପର୍‌ଭାଇଜର୍‌ଙ୍କର୍ ପ୍ରଶିକ୍ଷଣ         ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀର୍ ୩ ଶହ ୩୮ ଝନ୍ ବୁଥ୍ ସ୍ତରୀୟ ଅଧିକାରୀ ଆଉ ୩୪ ସୁପର୍‌ଭାଇଜର୍‌ଙ୍କର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ରିଆମାଲ୍ ବ୍ଲକ୍ ବାର୍‌କୋଟ ଆଉ ତିଲେଇବଣି ବ୍ଲକ୍ ସମ୍ମିଲନୀ କକ୍ଷ ଠାନେ ହେଇଯାଇଛେ । ଉପ ଜିଲ୍ଲାପାଲ୍ ଆଉ ନିର୍ବାଚନ୍ ପଞ୍ଜିକରଣ୍ ଅଧିକାରୀ ପରକ୍ଷିତ ସାହୁଙ୍କର୍ ତତ୍ତ୍ୱାବଧାନ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବୁଥ୍ ସ୍ତରର୍ ଅଧିକାରୀ ଆଉ ସୁପର୍‌ଭାଇଜର୍‌ମାନ୍‌କର୍ ଦକ୍ଷତା ପରୀକ୍ଷା କରାଯାଇକରି ପ୍ରମାଣ୍‌ପତ୍ର ଦିଆଯାଇଥିଲା ।

ବୁଥ୍‌ସ୍ତରର୍ ଅଧିକାରୀ-ତାଲିମ୍ କାର୍ଯ୍ୟକ୍ରମ      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାନେ ବୁଥ୍‌ସ୍ତରର୍ ଅଧିକାରୀମାନ୍‌କର୍ ଲାଗି ୩ ଦିନିଆ ତାଲିମ୍

କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ଭାରତୀୟ ନିର୍ବାଚନ୍ ଆୟୋଗ୍‌ର ମାର୍ଗଦର୍ଶିକା ଅନ୍‌ସାରେ ବୁଥ୍‌ସ୍ତରର୍ ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଇଛେ । ନୂଆଁ ଭୋଟର୍‌ମାନ୍‌କର୍ ପଞ୍ଜିକରଣ୍, ଭୋଟର୍ ତାଲିକା ବନାବାର୍ ସହେତେ ଭିନ୍ ଭିନ୍ ବିଷେଥି ତାଲିମ୍ ଦିଆଯାଉଛେ ।

ମଧ୍ୟସ୍ଥତା କାର୍ଯ୍ୟକ୍ରମ୍ ପ୍ରସ୍ତୁତି    ନୂଆପଡ଼ା ସମ୍ବାଦଦାତା

ଆଏବା ଦିନେ ହେବାର୍‌କେ ଥିବା ୯୦ ଦିନିଆ ଦେଶ ପାଇଁ ମଧ୍ୟସ୍ଥତା କାର୍ଯ୍ୟକ୍ରମ୍ ଲାଗି ନୂଆପଡ଼ା ଜିଲ୍ଲା କୋର୍ଟ ପରିସର୍ ନ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ଦୌରା ଜଜ୍ ଆଉ ପ୍ରାଧିକରଣ୍ ଅଧ୍ୟକ୍ଷ ନିରଞ୍ଜନ୍ ପଣ୍ଡା, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସୁନୀଲ୍ କୁମାର୍ ଦାସ ଆଉ ଅଲ୍‌ଗା ବିଚାର୍‌ପତି ମାନେ ଯୋଗ୍ ଦେଇକରି ମଧ୍ୟସ୍ଥତା ଜରିଏ କେନ୍ତାକରି ଅଏତ୍‌କାନୁ ଅଏତ୍‌କା ମାମ୍‌ଲାର୍ ସମାଧାନ୍ ହେଇପାର୍‌ବା ସେ ବାବ୍‌ଦେ ଆଲୋଚନା କରିଥିଲେ ।

ଆଧାର୍ କାର୍ଡ଼ ପ୍ରସ୍ତୁତି- ବୈଠକ    ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍‌ ଅତିରିକ୍ତ ଜିଲ୍ଲାପାଲ୍‌ ରେବେକା ବିଲୁଙ୍ଗଙ୍କର୍‌ ଅଧ୍ୟକ୍ଷତାଥି ଆଧାର୍‌ କାର୍ଡ଼ ପ୍ରସ୍ତୁତି ବାବଦ୍‌ ଗୁଟେ ବୈଠକ୍‌ ଆଭାସୀ ଜରିଏ ହେଇଯାଇଛେ । ଜିଲ୍ଲା ଇ-ଶାସକ ପରିଚାଲକ ବିକାଶ୍‌ ସାହୁଙ୍କର୍‌ ତତ୍ତ୍ୱାବଧାନ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ନ ଆଧାର୍‌ ସମସ୍ୟା ଆର୍‌ ତାର୍‌ ସମାଧାନ୍‌ ବାବ୍‌ଦେ ଆଲୋଚନା ହେଇଥିଲା ।

ପ୍ରଧାନ୍‌ମନ୍ତ୍ରୀ ଏଲ୍‌ପିଜି ପଂଚାୟତ କାର୍ଯ୍ୟକ୍ରମ/ସମ୍ବଲପୁର ସମ୍ବାଦଦାତା

ମାନେଶ୍ୱର୍‌ ଗ୍ରାମୀଣ ଗେସ୍‌ ବିତରକ ସଂଘ ତର୍‌ଫୁ ସମ୍ବଲ୍‌ପୁର୍‌ ଜିଲ୍ଲା ଯୁଯୁମୁରା ବ୍ଲକ୍‌ ନୂଆଁବରଙ୍ଗାମାଲ୍‌ ପଂଚାୟତ୍‌ର କୁଲସର ଉଚ୍ଚବିଦ୍ୟାଳୟ ଠାନେ ପ୍ରଧାନ୍‌ମନ୍ତ୍ରୀ ଏଲ୍‌ପିଜି ପଂଚାୟତ କାର୍ଯ୍ୟକ୍ରମ୍‌ ହେଇଯାଇଛେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କୁ ଏଲ୍‌ପିଜି ଗେସ୍‌ର ସୁରକ୍ଷିତ ଆଉ ସଠିକ୍‌ ବେଭାର୍‌ ବାବ୍‌ଦେ ତାଲିମ୍‌ ଦିଆଯାଇଥିଲା ।

ରୋଗ୍‌ପୋକ ଆଏତ୍‌ ତାଲିମ୍‌ ସମ୍ବଲ୍‌ପୁର୍‌ ସମ୍ବାଦଦାତା

ସମ୍ବଲପୁର କୃଷି ବିଜ୍ଞାନ୍ କେନ୍ଦ୍ର ଆଉ ପଡ଼ିଆବାହାଲ୍ ବନାଂଚଲ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ଜିଲ୍ଲାର୍ ଯୁଯୁମୁରା ବ୍ଲକ୍ ପାପପାଲି ଗାଁ ଠାନେ ଚାଷ୍ଥି ରୋଗ୍ ପୋକ୍ ଆଏତ୍ ଆର୍ କୃଷିର୍ ବିକାଶ୍ ଲାଗି ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଇଥି କୃଷି ବିଜ୍ଞାନ୍ କେନ୍ଦ୍ରର୍ ବୈଜ୍ଞାନିକ୍ ଅନନ୍ୟା ଜେନା ଯୋଗ୍ ଦେଇକରି ଗାଁର୍ ଲୁକ୍କୁ ଆଉ ବନସୁରକ୍ଷା ସମିତିର୍ ସଦସ୍ୟା ମାନ୍କୁ ତାଲିମ୍ ଦେଇଥିଲେ । ପଡ଼ିଆବାହାଲ୍ ବନାଂଚଲ୍ କାର୍ଯ୍ୟାଳୟ ତର୍ଫୁ ଓଏଫ୍ଏସ୍ଡିଏଫ୍ ପ୍ରତିନିଧି ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ନିକୁଞ୍ଜ ବିହାରୀ ପ୍ରଧାନ୍ ଆଉ ଅଲ୍ଗା ମାନେ ଯୋଗ୍ ଦେଇଥିଲେ ।

ମସ୍ୟ ଚାଷୀ ଦିବସ-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ଠାନେ ଜିଲ୍ଲା ମସ୍ୟ କାର୍ଯ୍ୟାଳୟ ତର୍ଫୁ ମସ୍ୟ ଚାଷୀ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ମସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ସମବାୟ ସମିତି ସମୂହର୍ ଉପନିବନ୍ଧକ ଗିରିଶ୍ ଚନ୍ଦ୍ର ପୁରୋହିତ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇହାଦେ ଜିଲ୍ଲା ନ ମହିଳା ଗୋଷ୍ଠୀମାନେ ମାଛ୍ ଚାଷ୍

କରିକରି ସ୍ୱାବଲମ୍ବୀ ହେଉଥିଲା ବେଳେ ଜିଲ୍ଲା ନ ଆଗ୍‌କେ ନୂଆଁ ମସ୍ୟ ଚାଷୀ ସମବାୟ ସମିତି ଗଠନ୍ କରାଯିବା ବଲି ଇ ଅବ୍‌ସରେ ସୂଚ୍‌ନା ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ୨ ଝନ୍ ସଫଲ୍ ମାଛ୍‌ଚାଷୀଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ହୀରାକୁଦ୍ ଜଲ୍‌ଭଣ୍ଡାର୍    ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୧୬ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଇଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଞ୍ଝର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫି’ ସେକେଣ୍ଡ୍‌ଥି ୩ ଲାଖ୍ ୧୧ ହଜାର୍ ୭ ଶହ ୫୯ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୨ ଲାଖ୍ ୬୭ ହଜାର୍ ୫ ଶହ ୨୫ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୫ ଦଶ୍‌ମିକ୍ ୧/୯ ଫୁଟ୍ ରହିଥିଲା । ୬ ବଜେ ଉତ୍‌ରୁ ଫେର୍ ୨ ଟା ଗେଟ୍ ବନ୍ଦ୍ କର୍‌ବାର୍ ଲାଗି କର୍ତୃପକ୍ଷଙ୍କର୍ ତର୍‌ଫୁ ନିଷ୍ପତି ନିଆଯାଇଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଉ ଗୁଟେ ଲଘୁଚାପ୍ ବନ୍‌ବାର୍ ସମ୍ଭାବନା ଦେଖାଦେଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଭିଲ୍ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ବର୍‌ଗଡ୍, ବଲାଙ୍ଗିର୍, ଦେବ୍‌ଗଡ୍ ସହେତେ ୧୭ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।